**ପଞ୍ଚାମୁଣ୍ଡାଇ ପୌରାଞ୍ଚଳରେ ଗୋରୁ ଧରା ଅଭିଯାନ**

କେନ୍ଦ୍ରାପଡ଼ା,(ଜଗନ୍ନାଥ ଧଳ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବୁଲା ଗାଈଗୋରୁମାନେ ଇତସ୍ତତ ଭାବେ ବୁଲୁଛନ୍ତି । ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପୌର ପରିଷଦ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ଧରା ଅଭିଯାନ ଆରମ୍ଭ କରାଯାଇଛି । ଗତ ବୁଧବାରଠାରୁ ଆଖପାଖ ଅଞ୍ଚଳରେ ଅବାଧରେ ବିଚରଣ କରି ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ରଖାଯିବା ସହିତ ଗାଈ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଛି । ପରିମଳ ନିରୀକ୍ଷକ ପ୍ରଫୁଲ୍ଲ ଦାଶ, ସରୋଜ ପଣ୍ଡା,ଅଶୋକ ମହାନ୍ତି ଓ କେଶବ ମଲିକଙ୍କ ନେତୃତ୍ୱରେ ପୌର ପରିଷଦ କର୍ମଚାରୀମାନେ ଏ ସ୍ୱତନ୍ତ୍ର ଗାଡ଼ିରେ ୨୫ରୁ ଊର୍ଦ୍ଧ୍ୱ ଗାଈ ଧରି କାଞ୍ଜିଆହୁଦାରେ ରଖିଥିଲେ । ମାଲିକମାନଙ୍କଠାରୁ ଜରିମାନା ଆଦାୟ କରାଯାଇ ସେହି ଗାଈଗୁଡ଼ିକୁ ଛଡ଼ା ଯାଇଛି ।

# ଗାଁ ମୁହାଁ ସାପ, କୁମ୍ଭୀର

କେନ୍ଦ୍ରାପଡ଼ା, ୫ା୮ (ଜଗନ୍ନାଥ ଧଳ)

ଲଗାଣ ବର୍ଷା ପରେ କେନ୍ଦ୍ରାପଡ଼ା ଜିଲାର ୭ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି । ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ ସିଷ୍ଟମରେ ବନ୍ୟା ଆସିଥିବା ବେଳେ ଏବେ ଜଳସ୍ତର କମିଛି । ଏହାସତ୍ତ୍ୱେ ଜିଲାର ୫୬ ଗ୍ରାମ ପାଣି ଘେରରେ ଅଛି । ଲଗାଣ ବର୍ଷା ଓ ବନ୍ୟା ଜଳ ଜିଲାର ତଳ ଅଞ୍ଚଳରେ ଜମି ରହିଛି । ଏହି ସମୟରେ ଗ୍ରାମକୁ ସରିସୃପ ପଶି ଆସିବା ଏକ ଆତଙ୍କରେ ପରିଣତ ହୋଇଛି । ଏଥିସହିତ ଗୋବରୀ, ବିରୂପା, ପାଇକା, ବ୍ରାହ୍ମଣୀ, କଣ୍ଡିଆ ନାଳ ଓ ଚିତ୍ରୋତ୍ପଳା ନଦୀର ୭ଟି ସ୍ଥାନରେ କୁମ୍ଭୀର ଭାସୁଥିବା ସ୍ଥାନୀୟ ଅଞ୍ଚଳବାସୀ ଦେଖିଥିବା ଆଲୋଚନା ଚାଲିଛି । ଜଳ ବନ୍ଦୀ ଘେରରେ ଥିବା ଗ୍ରାମଗୁଡ଼ିକରେ ବିଭିନ୍ନ ବିଷଧର ସାପ ଦେଖିବାକୁ ମିଳୁଛି । ବର୍ଷା ଓ ବନ୍ୟା ଜଳରେ ନଷ୍ଟ ହୋଇଥିବା କଚ୍ଚା ଘରେ ଏହି ପ୍ରଜାତିଙ୍କୁ ଦେଖିବାକୁ ମିଳୁଥିବା ବେଳେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢୁଛି । ରାଜକନିକା ବ୍ଲକ ଗୋପିନାଥପୁର ଗ୍ରାମରେ ଜଣେ ୭୦ ବର୍ଷିୟା ବୃଦ୍ଧାଙ୍କୁ ଗତ ଗୁରୁବାର ରାତିରେ ସର୍ପାଘାତ ହୋଇଛି । ଏହି ଗ୍ରାମର ଅନ୍ୟ ଜଣେ ମଧ୍ୟ ସୋମବାର ରାତିରେ ସର୍ପାଘାତରେ ଗୁରୁତର ହୋଇଛନ୍ତି । ସେହିପରି ବନ୍ୟା ଘେରରେ ଥିବା ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳରେ ସାପଙ୍କ ଆତଜାତ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ଏପରି କିଛି ଘଟଣା ଉଦାହରଣ ହୋଇଥିବା ବେଳେ ଜିଲାର ଉପାନ୍ତ ଅଞ୍ଚଳରେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି । ଗ୍ରାମାଞ୍ଚଳର ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ ବିଷରୁ ରକ୍ଷା ପାଇଁ ଇଞ୍ଜେକଶନ ରଖିବାକୁ ଦାବି ହୋଇଛି । ଏସମ୍ପର୍କରେ ମହାକାଳପଡ଼ାର ହରେକୃଷ୍ଣ ପାତ୍ର କହିଛନ୍ତି, ଲଗାଣ ବର୍ଷା ଓ ବନ୍ୟାଜନିତ ପାଣି ଉପାନ୍ତ ଅଞ୍ଚଳବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ବ୍ୟାହତ କରିଛି । ପାନୀୟ ଜଳ, ଚାଷ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏବେ ସରିସୃପ ଆତଙ୍କ ଖେଳିଯାଇଛି । ଦିର୍ଘଦିନ ଧରି ପାଣି ଜମି ରହିବା ଫଳରେ ନିକଟସ୍ଥ ଭିତରକନିକା ଅଞ୍ଚଳରୁ ସରିସୃପ ଗ୍ରାମ ମଧ୍ୟକୁ ପଶି ଆସୁଛନ୍ତି । ନଦୀ, ନାଳ ପୋଖରୀ ଏପରି କି ଚାଷ ଜମିରେ ଏବେ କୁମ୍ଭୀର ଦେଖା ଯାଉଛନ୍ତି । କିଛିଦିନ ପୂର୍ବେ ମାର୍ଶାଘାଇ ଅଞ୍ଚଳରେ ୯ ଫୁଟ ଲମ୍ବର ନାଗ ସାପ ଉଦ୍ଧାର ହୋଇଛି । ଅପରପକ୍ଷେ ବର୍ଷା ଓ ବନ୍ୟା ପାଇଁ ବିଷଧର ସାପ ଗ୍ରାମ ମଧ୍ୟରେ ଦେଖାଯାଉଛନ୍ତି । ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର ବ୍ଲକ ଅଞ୍ଚଳରେ ସାପ ଦେଖାଯିବା ସମସ୍ୟା ଗୁରୁତର ହୋଇଛି । ସର୍ପାଘାତରେ କେତେକଙ୍କ ଜୀବନ ମଧ୍ୟ ଯାଇଥିବା ସେ ସୂଚନା ଦେଇଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ରମେଶ ମଲ୍ଲିକ କହିଛନ୍ତି, ବିଭିନ୍ନ ନଦୀରେ ବନ୍ୟା ପାଇଁ କୁମ୍ଭୀର ଓ ସାପ ଆତଙ୍କ ଧୋୟା ଅଞ୍ଚଳରେ ଖେଳିଯାଇଛି । ଗତ ୨ ମାସରେ ଏହି ଅଞ୍ଚଳର ୪ ଜଣ କୁମ୍ଭୀରର ଶୀକାର ହୋଇଛନ୍ତି । ସିଂହଗାଁ ସମେତ ବଡ ରାଉଳିଆ, ସାନ ରାଉଳିଆ ଆଦି ଗ୍ରାମର କଚ୍ଚା ଘରେ ବିଷଧର ସର୍ପ ଦେଖାଯାଉଛନ୍ତି । ବିଶେଷ କରି ସନ୍ତସନ୍ତିଆ ଘରଗୁଡିକରେ ଏଗୁଡିକ ଦେଖା ଦେଉଥିବାରୁ ରାତିରେ ଯାତାୟତ ବନ୍ଦ ସହ ପରିବାର ସଦସ୍ୟ ରାତି ଅନିଦ୍ରା ହେଉଛନ୍ତି ।

ଏ ସମ୍ପର୍କରେ ଡିଏମ୍‌ଓ ଡା. ଗୋପାଳ ଚନ୍ଦ୍ର ପ୍ରହରାଜ କହିଛନ୍ତି, ପ୍ରତ୍ୟେକ ସିଏଚ୍‌ସିକୁ ସାପ କାମୁଡା ଇଞ୍ଜେକଶନ ଯୋଗାଇ ଦିଆଯାଇଛି । ସର୍ପ ଆଘାତ କ୍ଷେତ୍ରରେ କେତେକ ସତର୍କତା ଅବଲମ୍ବନ କରିବାକୁ ପଡିବ । ସାପ କାମୁଡି ଥିବା ବ୍ୟକ୍ତିକୁ ଆଶ୍ୱାସନା ଦିଅନ୍ତୁ । କାମୁଡ଼ି ଥିବା ସ୍ଥାନରେ ପିନ୍ଧିଥିବା ମୁଦି, ଘଣ୍ଟା, ବ୍ରତ, ପାଉଁଜି ଆଦି ଖୋଲିଦେବା ଆବଶ୍ୟକ । ତୁରନ୍ତ ଡାକ୍ତରଖାନା ନେବା ଜରୁରୀ । ସେହିପରି ଏହି ସମୟରେ ଆଦୌ ଡରିବା ବା ବିଚଳିତ ହେବା ଉଚିତ ନୁହେଁ । ରୋଗୀକୁ ଚଲାବୁଲା ବା କାମ କରିବାକୁ ନ ଦେଇ ଟେକିଟେକି ନେବା ଦରକାର । କ୍ଷତ ସ୍ଥାନକୁ ଧୁଅନ୍ତୁ ନାହିଁ କିମ୍ବା ବରଫ, ଇଲେକ୍ଟ୍ରିକ ସକ୍ ଦିଅନ୍ତୁ ନାହିଁ । ଅଧିକାଂଶ ସମୟରେ ସାପ ବିଷ ଉପରକୁ ଚଢ଼ିଯିବା ଭୟରେ କ୍ଷତସ୍ଥାନକୁ ସୁତୁଲି, କତା ଦଉଡି, କଟା ରବର ଟ୍ୟୁବ, ଇଲେକଟ୍ରିକ ତାର ବ୍ୟବହାର ହେଉଥିବା ଲକ୍ଷ୍ୟ କରାଯାଉଛି । ଏହାର କୌଣସି ଆବଶ୍ୟକତା ନାହିଁ । ବ୍ଲେଡ ଓ ଛୁରୀରେ କ୍ଷତସ୍ଥାନକୁ କାଟନ୍ତୁ ନାହିଁ । ଏହି ସମୟରେ ଖାଦ୍ୟ ପଦାର୍ଥ କିମ୍ବା ନିଶାଦ୍ରବ୍ୟ ବ୍ୟବହାର ରୋଗୀର କ୍ଷତି ପହଞ୍ଚାଇ ପାରେ । ସବୁ ସାମୁଦ୍ରିକ ସାପ ବିଷଧର ବୋଲି ଡିଏମ୍‌ଓ ଡା. ପ୍ରହରାଜ ସଚେତନ କରାଇଛନ୍ତି ।


ବିରୂପା ନଦୀକୂଳରେ କୁମ୍ଭୀର ।

- ଅକାଳରେ ଚାଲିଯାଉଛି ଜୀବନ
- ୫୬ ଗ୍ରାମରେ ଘେରି ରହିଛି ବର୍ଷା,ବନ୍ୟାଜଳ
- ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ା ଚିକିତ୍ସା ଦାବି

## ନୂତନ ଘେରିବନ୍ଧ ନିର୍ମାଣ ହେବ


ପ୍ରଶାସନିକ ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି ।

ରାଜକନିକା,୫ା୮ (ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା କନପୁର ଗ୍ରାମରେ ବୈତରଣୀ ବନ୍ୟାଜଳ ଯେପରି ନ ପ୍ରବେଶ କରେ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ଆଜି ତଟବନ୍ଧ ଡିଭିଜନ ପକ୍ଷରୁ କନପୁର ପୋଲଠାରୁ ଗୁଣ୍ଡଳ ସ୍ଲୁଇସ୍ ପର୍ଯ୍ୟନ୍ତ ଏକ ନୂତନ ଘେରିବନ୍ଧ ନିର୍ମାଣ ହେବ ବୋଲି ଶନିବାର ସକାଳେ ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ ଓ କନିକା ତହସିଲଦାର ଅଶୋକ କୁମାର ଦେହୁରି ପ୍ରକାଶ କରିଛନ୍ତି । ତେବେ ଏଥିପାଇଁ ଗ୍ରାମବାସୀଙ୍କ ସହଯୋଗ ଆବଶ୍ୟକ ରହିଛି । ତେଣୁ ତହସିଲଦାର ଓ ବିଡିଓଙ୍କ କଥାକୁ ଗ୍ରାମବାସୀ ବିଶ୍ୱାସ କରୁନାହାନ୍ତି । ସରପଞ୍ଚ ପ୍ରସନ୍ନ ମଲିକ, ପ୍ରାକ୍ତନ ସମିତି ସଭ୍ୟ ଦିବ୍ୟଲୋଚନ ନାୟକ, ହରିଶ୍ଚନ୍ଦ୍ର ନାୟକ , ନବକିଶୋର ନାୟକ ପ୍ରମୁଖ ତୁରନ୍ତ ଘେରି ବନ୍ଧ ନିର୍ମାଣ କରିବାକୁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ଝୁଲିଲା

ଆଳି,୫ା୮ (ବନମାଳୀ ସେନାପତି )

ଜଣେ ଶିକ୍ଷୟିତ୍ରୀଙ୍କ ବଦଳିର ପ୍ରତିବାଦ କରି ଆଳି ବ୍ଲକ ବାଲକାଟି ପଞ୍ଚାୟତ ବଡ଼ଆଙ୍କୋ ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗେଟରେ ଅଭିଭାବକମାନେ ତାଲା ପକାଇବା ସହିତ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ । ଶନିବାର ସକାଳେ ସ୍କୁଲ ଚାଲିଥିବା ବେଳେ ଅଭିଭାବକମାନେ ସ୍କୁଲକୁ ଆସି ଗେଟରେ ତାଲା ପକାଇବା ସହିତ ଧାରଣା ଦେଇଥିଲେ । ସେମାନେ ଜିଦ ଧରି ବସିଥିଲେ ଯେ ପର୍ଯ୍ୟନ୍ତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ହୋଇନାହିଁ ସେ ପର୍ଯ୍ୟନ୍ତ ସେମାନେ ତାଲା ଖୋଲିବେ ନାହିଁ । ଆଳି ପୋଲିସ ଏସ୍‌ଆଇ ପ୍ରଦୋଷ ପଟ୍ଟନାୟକ,ଆଡିଶନାଲ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଅଭିଭାବମାନଙ୍କୁ ବୁଝାଶୁଝା କରିଥିଲେ । ଶିକ୍ଷା ବିଭାଗ ପକ୍ଷରୁ କିପରି ଏହି ସମସ୍ୟାର ସମାଧାନ ହେବ ସେ ବିଷୟରେ ଆଲୋଚନା କରି ସମାଧାନ କରିବାର ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ତାଲା ଖୋଲିଥିଲେ ।

## ମା’ ଓ ଝିଅଙ୍କୁ ସଂଘବଦ୍ଧ ଆକ୍ରମଣ


ଦମୟନ୍ତୀ ନାୟକ ।


ମାମୁନୀ ନାୟକ ।

କେନ୍ଦ୍ରାପଡ଼ା,୫ା୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ନହୁଣୀ ପଞ୍ଚାୟତ ଗୋପାଳପୁର ଗାଁରେ ଶନିବାର ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ମରାଣାନ୍ତକ ଆକ୍ରମଣ କରାଯାଇଛି । ଘରେ କେହି ପୁରୁଷ ଲୋକ ନ ଥିବା ସୁଯୋଗ ନେଇ ଏହି ଘଟଣା ଘଟିଛି । ଉଭୟଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି ।

ଗତ ୩ ତାରିଖ ଦିନ ଗାଁର ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ ପୋଖରୀରୁ କେତେଜଣ ଯୁବକ ମିଳିତ ଭାବେ ଦଳ ସଫେଇ କରୁଥିଲେ । ଗାଁର ଅନ୍ୟ ଯୁବଗୋଷ୍ଠୀ ସଫେଇକୁ ବିରୋଧ କରିଥିଲେ । ଦଳ ସଫେଇକୁ କେନ୍ଦ୍ର କରି ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଏହି ଘଟଣା ରାଜକନିକା ଥାନାରେ ପହଞ୍ଚିଥିଲା । ପୋଲିସ ଦଳ ସଫେଇକୁ ସମ୍ପୂର୍ଣ୍ଣ ବନ୍ଦ କରି ଏହି ବିବାଦର ସମାଧାନ କରିଥିଲା । ତେବେ ଶନିବାର ଅପରାହ୍ନରେ ପୂର୍ବ ଘଟଣାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିବାଦ ଉପୁଜିଥିଲା । ଏହାକୁ ନେଇ ଅପରପକ୍ଷ ଗୋଷ୍ଠୀର ୧୦ରୁ ଊର୍ଦ୍ଧ୍ୱ ଯୁବକ ଶତ୍ରୁଘନ ନାୟକଙ୍କ ଅନୁପସ୍ଥିତିରେ ତାଙ୍କ ଘରେ ପଶି ସ୍ତ୍ରୀ ଦମୟନ୍ତୀ ନାୟକ(୫୦) ଓ ଝିଅ ମାମୁନୀ ନାୟକ(୧୪)ଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏପରି କି ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଶତ୍ରୁଘ୍ନ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳ ସୂଚନା ଦେଇଛନ୍ତି ।

## ଜ୍ଞାନ ବିଜ୍ଞାନ ମେଳାରେ ୧୪୫ ପ୍ରକଳ୍ପ ପ୍ରଦର୍ଶିତ


ଜ୍ଞାନ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ବାଲିକୁଦା,୫ା୮ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଓଷକଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଶିଶୁବାଟିକା ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୪୫ ପ୍ରକଳ୍ପ ଏହି ମେଳାରେ ପ୍ରଦର୍ଶିତ ହୋଇଥିଲା । ଉକ୍ତ ମେଳାରେ ଗଣିତ, ବିଜ୍ଞାନ ଓ ବିଜ୍ଞାନ ପ୍ରୟୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଅପଣ୍ଡରା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁନୀଲ ସେଠୀ ଅତିଥିଭାବେ ଯୋଗଦେଇଥିଲେ । ବିଦ୍ୟାଳୟ ବରିଷ୍ଠ ଆଚାର୍ଯ୍ୟ ସରୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ ପବିତ୍ର ମୋହନ ସାହୁ, ମୁଖ୍ୟ ବକ୍ତା ଭାବେ ବିଦ୍ୟୁତ୍ ପରିଷଦ ସଭାପତି ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ କୁନି ବିଜ୍ଞାନୀମାନଙ୍କ ପ୍ରକଳ୍ପକୁ ପ୍ରଶଂସା କରିଥିଲେ । ବିଚାରକ ଭାବେ ଓଷକଣା ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଶତଦଳ କୁଅଁର, ଅମରବର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଆଚାର୍ଯ୍ୟ ସୁଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଭିମନ୍ୟୁ ପାଳ ଧନ୍ୟବାଦ ଦେଇଥିଲେ । ଆଚାର୍ଯ୍ୟ ଉଲ୍ଲାସ ମୁଦୁଲି, ହେମନ୍ତ ବିଶ୍ୱାଳ, ଧର୍ମେନ୍ଦ୍ର ସାହୁ, ତରୁଣ ବିଶ୍ୱାଳ, ଅରବିନ୍ଦ ପରିଡ଼ା, ଗୋପାଳ ବେହେରା, ସୁଧାଂଶୁ ପରିଡ଼ାଙ୍କ ସମେତ ସମସ୍ତ ଗୁରୁମା’ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଦାବି ପୂରଣ ନ ହେଲେ ୧୬ରୁ ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

ଡେରାବିଶ,୫ା୮ (ବେବର୍ତା ଅଜୟ ଦାସ)

ଡେରାବିଶ ବ୍ଲକର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ତିନିଦଫା ସମ୍ବଳିତ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି । ସେମାନଙ୍କର ଦାବି ପୂରଣ ପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ଆସନ୍ତା ୧୬ରୁ ସବୁ ବର୍ଗର ପ୍ରାଥମିକ ଶିକ୍ଷକ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି । ଗତ ବର୍ଷ ନଭେମ୍ବର ମାସ ୨୭ ତାରିଖରେ ରାଜ୍ୟର ଏକ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଆନ୍ଦୋଳନକୁ ବିଚାରକୁ ନେଇ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଚିଠି ନଂ-୧୦୯ ତା ୩୦.୧୧.୨୨ ଅନୁଯାୟୀ ଶିକ୍ଷକ ସଂଘ ପ୍ରତିନିଧିଙ୍କ ସହ ଆଲୋଚନା କରି ଦାବିଗୁଡ଼ିକ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଅଦ୍ୟାବଧି ଏଥିପ୍ରତି କୌଣସି ପଦକ୍ଷେପ ନେଇନଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ୩ ଦଫା ଦାବି ସମ୍ବଳିତ ପତ୍ର ଡେରାବିଶ ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଚକ୍ରଧର ନାୟକଙ୍କ ନେତୃତ୍ୱରେ ଶିକ୍ଷକ ନେତା ପ୍ରଶାନ୍ତ କୁମାର ଶତପଥୀ,ସେକ୍ ବରକାତୁଲ୍ଲା, ବିପିନ ବିହାରୀ ପାତ୍ର, ମାନସ ରଞ୍ଜନ ରାଉତ, ହରପ୍ରିୟା ପରିଡ଼ା, ରାଜଲକ୍ଷ୍ମୀ ବେହେରା ପ୍ରମୁଖ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭିଷେକ


@ କାହ୍ନା


@ ପିଣ୍ଟୁ


@ ଶିବ


@ ଶିବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ଲୁଣାନଦୀର ବନ୍ୟାସ୍ରୋତରେ ଚାଲିଛି ଯାତ୍ରୀବାହୀ ଡଙ୍ଗା

- ପ୍ରଶାସନର କଟକଣା ନାହିଁ
- ୨୦୦୪ ବୋଟ୍ ଆଇନ ଉଲ୍ଲଂଘନ ଅଭିଯୋଗ
- ଗତବର୍ଷ ଘଟିଥିଲା ଅଘଟଣ

ମହାକାଳପଡ଼ା,୫ା୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ମହାନଦୀ, ଲୁଣା ଓ ପାଇକା ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି । ହେଲେ କେତେକ ଫେରି ଘାଟର ଘାଟିଆମାନେ ଲୋକମାନଙ୍କୁ ବନ୍ୟା ସ୍ରୋତରେ ଡଙ୍ଗା ଚଳାଇ ନଦୀ ପାର କରୁଛନ୍ତି । ହେଲେ ପ୍ରଶାସନ ପକ୍ଷରୁ କୌଣସି କଟକଣା ଜାରି କରାଯାଉ ନାହିଁ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ୨୦୨୨,ଅଗଷ୍ଟ ୨୦ ସନ୍ଧ୍ୟାରେ ପାରଦୀପ ଶିଳ୍ପ କାରଖାନା ନିକଟ ମୁଶାଡ଼ିଆରୁ ଏକ ଡଙ୍ଗାରେ ୬୦ଜଣ ଲୋକଙ୍କ ସହିତ ୩୦ ବାଇକ୍, ୨୦ ସାଇକେଲ ବାହାକୁଦ ଘାଟକୁ ଆସୁଥିଲେ । ହେଲେ ନଦୀ ମଝିରେ ଡଙ୍ଗାର ମୋଟର ଅଚଳ ହୋଇପଡିଥିଲା । ଫଳରେ ଡଙ୍ଗାଟି ବନ୍ୟା ସ୍ରୋତରେ ଭାସି ଯାଇଥିଲା । ଶେଷରେ ଡଙ୍ଗାରେ ଥିବା ଲୋକମାନଙ୍କୁ ବତୀଘର ପଞ୍ଚାୟତ ବଡତୁବି – ନିପାଣିଆ ନିକଟ ବୁଦାମୁଳରୁ ଅଗ୍ନିଶମ କର୍ମଚାରୀ ଓ ଖରିନାଶି ବୋଟ ସଂଘ କର୍ମକର୍ତ୍ତା ଉଦ୍ଧାର କରିଥିଲେ । ଏହି ଘଟଣା ପରେ ବି କେହି ସଚେତନ ହୋଇ ନାହାନ୍ତି । ଚଳିତ ବର୍ଷ ବନ୍ୟାରେ ବି ଫେରି ଘାଟରୁ ଡଙ୍ଗା ଚଳାଚଳ କରୁଛି । ଯଦି କୌଣସି ଅଘଟଣ ଘଟେ ସେଥିପାଇଁ କିଏ ଉତ୍ତର ଦାୟୀ ରହିବେ ବୋଲି ସ୍ଥାନୀୟ ବୁଦ୍ଧିଜିବୀ ପ୍ରଶ୍ନ କରିଛନ୍ତି । ଅନେକ ଫେରି ଘାଟର ବୋଟର ଲାଇସେନ୍ସ ନାହିଁ । ନାଉରିଆମାନେ ବି ବିନା ଲାଇସେନ୍ସରେ ଡଙ୍ଗା ଚଳାଉଛନ୍ତି । ବୋଟ୍ ଫିଟ୍‌ନେସ ଓ ଲାଇଫ୍ ଜ୍ୟାକେଟ ଉପରେ ଗୁରୁତ୍ୱ ଦିଆଯାଉନାହିଁ । ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୦୦୪ ବୋଟ୍ ରୁଲ ଉଲ୍ଲଂଘନ କରାଯାଉଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏ ସଂକ୍ରାନ୍ତରେ ବିଡିଓ ସାଗର କୁମାର ନନ୍ଦଙ୍କୁ ପ୍ରଶ୍ନ କରାଯିବାରୁ ଖୁବ୍ ଶୀଘ୍ର ସବୁ ପଞ୍ଚାୟତକୁ ଏଥିପାଇଁ ନୋଟିସ ଜାରି କରାଯିବ ବୋଲି କହିଛନ୍ତି ।


ଲୁଣା ନଦୀର ବନ୍ୟା ସ୍ରୋତରେ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଡଙ୍ଗା । ।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଆନ୍ଦୋଳନ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ୧୧ରେ ଜିଲାସ୍ତରୀୟ ଶୋଭାଯାତ୍ରା ନିଷ୍ପତ୍ତି
- ଦାବି ପୂରଣ ନ ହେଲେ ୧୬ରୁ ସମୂହ ଛୁଟି

ରଣପୁର, ୫।୮ (ସୁକାନ୍ତ କିଶୋର ଡାକୁଆ)

ଶନିବାର ରଣପୁର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ବର୍ଗର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଆନ୍ଦୋଳନ କରିଛନ୍ତି । ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରିଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରଣପୁର ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରାୟ ୫ଶହ ଶିକ୍ଷୟିତ୍ରୀ, ଶିକ୍ଷକ ରଣପୁର ବି.ସି. ହାଇସ୍କୁଲଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ପର୍ଯ୍ୟବେକ୍ଷକ ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ସଂଯୋଜକ ଜ୍ୟୋତି ରଞ୍ଜନ ଦାଶ, ଓଡ଼ଗାଁ ବ୍ଲକର ଶ୍ରୀଧର ପରିଡ଼ା ଏବଂ ରବୀନ୍ଦ୍ର କୁମାର ବେହେରା ଯୋଗଦେଇଥିଲେ । ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରରେ ଯାଇ ରଣପୁର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଜଗନ୍ନାଥ ଦାଶ, ମଧ ଇଂରାଜୀ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ଦାଶ, ସମ୍ପାଦକ ନୀଳକଣ୍ଠ ରଥ, ସମ୍ପାଦକ ଜ୍ୟୋତି ରଞ୍ଜନ କର, ଏକ୍ସ-କ୍ୟାଡର ଶିକ୍ଷକ ସଂଘ ସଭାପତି ବସନ୍ତ ବେହେରା, ସମ୍ପାଦକ କୁଳମଣି ପଟ୍ଟନାୟକ, ନୟାଗଡ଼ ଜିଲା କାର୍ଯ୍ୟକାରୀ ସଭାପତି ପବିତ୍ର ପ୍ରଧାନ, ଏଡେଡ଼ ଏମ.ଇ. ସଂଘ ସଭାପତି ସ୍ମୃତି ରଞ୍ଜନ ଦାଶ, ସମ୍ପାଦକ ବ୍ରଜ କିଶୋର ପ୍ରଧାନ, କଳା ଓ କ୍ରୀଡ଼ା ଶିକ୍ଷକ ସଂଘର ସଭାପତି ସନ୍ତୋଷ କୁମାର ମହାପାତ୍ର, ମିଡ଼ିଆ କୋର୍ଡିନେଟର ସୁଶୀଲ କୁମାର ରଣା ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ଆସନ୍ତା ୧୧ ତାରିଖରେ ଜିଲାସ୍ତରୀୟ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା

୨୦୨୨ ନଭେମ୍ବର ୩୦ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ପତ୍ର ସଂଖ୍ୟା ୧୦୯ ସି.ଏସ.ଅନୁଯାୟୀ ଶିକ୍ଷକ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୮ ମାସରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ ପ୍ରାଥମିକ ଶିକ୍ଷକମାନଙ୍କ କୌଣସି ଦାବି ପୂରଣ ହୋଇପାରିନାହିଁ। ନିମ୍ନଲିଖିତ ଦାବି ଗୁଡିକ ଏଯାଏ ପୂରଣ କରାଯାଇ ପାରି ନାହିଁ । ଯଥାଶୀଘ୍ର ଦାବି ପୂରଣ କରା ନ ଗଲେ ଆସନ୍ତା ୧୬ରୁ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନେ ଛୁଟିରେ ରହି କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ବାଧ ହେବେ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି । ବିଶେଷ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା, ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା କରିବା ସହିତ ଏକ୍ସ କ୍ୟାଡର ଶିକ୍ଷକ, କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ ( ମୂଳ ବେତନ ଲେଭେଲ ୯ ଗ୍ରେଡ ପେ ୪୨୦୦ ଅନୁଯାୟୀ ) ପ୍ରଦାନ କରାଯାଉ ଏବଂ ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି ।


ଶିକ୍ଷକ ସଂଘ ପକ୍ଷରୁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।


@ ଅଭିଷେକ


@ କାହ୍ନା


@ ପିଣ୍ଟୁ


@ ଶିବ


@ ଶିବାଶିଷ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଦଶପଲ୍ଲା, ୫।୮ (ପ୍ରକାଶ କୁମାର ପାଣି)

ଶନିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଡାକରାରେ ଦଶପଲ୍ଲା ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନେ ସେମାନଙ୍କ ୩ଦଫାକୁ ନେଇ ଏକ ଶୋଭାଯାତ୍ରା କରିବା ସହ ଦାବିପତ୍ର ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି । ଦାବିଗୁଡିକ ମଧ୍ୟରେ କନିଷ୍ଠ ଶିକ୍ଷକଙ୍କ ସହ ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ ନିୟମିତ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ, ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଉ। ଦାବି ଉପସ୍ଥାପନ ପାଇଁ ଶିକ୍ଷକମାନେ ଏକ ରାଲିରେ ମହାବୀର ମନ୍ଦିର ଠାରୁ ବାହାରି ବିଇଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ । ପରେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକନେତା ପ୍ରଶାନ୍ତ କୁମାର ମହାପାତ୍ର, ଲକ୍ଷ୍ମୀଧର ସାହୁ, ଜୟଦେବ ମିଶ୍ର, ରଶ୍ମିରଞ୍ଜନ ପଟ୍ଟନାୟକ, କାଳନ୍ଦୀ ଚରଣ ସାହୁ, ପବିତ୍ର ମୋହନ ସାହୁ, ଯୋଗେଶ୍ୱର ସାହୁ, ବିଘ୍ନେଶ୍ୱର ବେହେରା, ଶିକ୍ଷକ ପ୍ରତାପ କୁମାର ରଣା, ବିଜୟ କୁମାର ଘଡେଇ, ଅଜୟ କୁମାର ବେହେରା, ମନୋଜ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ ।



ଅଫିସ ସମ୍ମୁଖରେ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ।

## ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ର, ହସ୍ତକଳା ପ୍ରଦର୍ଶନୀ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ଶରଣକୁଳ, ୫।୮ (ଦୀପକ କର)

ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ ତଥା ଧନ୍ଦାମୂଳକ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ କେ.ଏସ୍.ବି.ପବ୍ଲିକ ସ୍କୁଲ ପକ୍ଷରୁ ଶନିବାର ଏକ ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନୀ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଚିତ୍ରକଳା ବିଭାଗରେ ୧୦୪ ଜଣ ଓ ହସ୍ତକଳା ବିଭାଗରେ ୧୧୦ ଛାତ୍ରୀଛାତ୍ର ନିଜ କଳାତ୍ମକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଯୋଗଦେଇଥିବା ଛାତ୍ରୀଛାତ୍ରମାନେ କାଗଜ, ସୋଲ, ମାଟି, ବିଭିନ୍ନ ପ୍ରକାର ଅଦରକାରୀ ସାମଗ୍ରୀ ଓ ଆବର୍ଜନାକୁ ବ୍ୟବହାର କରି କଳାତ୍ମକ ପ୍ରକଳ୍ପ ନିର୍ମାଣ କରିଥିଲେ । ବିଚାରକମାନେ ବିଭିନ୍ନ ବିଭାଗରୁ ପ୍ରଥମ, ଦ୍ୱିତୀୟ ତୃତୀୟ ସମେତ ଶ୍ରେଷ୍ଠ ୪୦ଟି ପ୍ରକଳ୍ପକାରୀଙ୍କୁ ଆଗାମୀ ଦିନରେ ହେବାକୁ ଥିବା ଚିତ୍ର ଓ ହସ୍ତକଳା କର୍ମଶାଳା ପାଇଁ ଚୟନ କରିଥିଲେ । ସ୍କୁଲ ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ ମୁଖ୍ୟଅତିଥି ରୂପ ଯୋଗଦେଇ ଥିବା ବେଳେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରକୃତି ବନ୍ଧୁ ରଞ୍ଜନ କୁମାର ଦାଶ, ଶିକ୍ଷକ ତଥା କଣ୍ଠଶିଳ୍ପୀ ଯଶୋବନ୍ତ ପଟ୍ଟନାୟକ, ଶିଳ୍ପୀ ଶ୍ରବଣ କୁମାର ସାହୁ, ଶିଳ୍ପୀ ରବିନ୍ଦ୍ର କୁମାର ବେହେରା, ସ୍କୁଲ ସମ୍ପାଦକ ଶିଳ୍ପୀ ପ୍ରଶାନ୍ତ ଦାଶ ଓ ସହ ସମ୍ପାଦକ ରବିନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସହିତ କଳା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ସୃଜନଶୀଳତାରେ ମନନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କାର୍ଯ୍ୟରେ ଯୋଗ ଦେଲେ ନୂଆ ବିଇଓ

ନୟାଗଡ଼, ୫।୮ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଭାବେ ନିମାଇଁ ଚରଣ ପ୍ରଧାନ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ନୟାଗଡ଼ ଅତିରିକ୍ତ ଦାୟିତ୍ୱରେ ଥିବା ଓଡଗାଁ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ପ୍ରାୟ ଦେଢ଼ ବର୍ଷ ହେଲା ନୟାଗଡ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଥିଲା । ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ଥିଲେ ।

## ଆନ୍ଦୋଳନର ନୂଆ ତରିକା

- ସବୁ ବର୍ଗର ପ୍ରାଥମିକ ଶିକ୍ଷକ ସାମିଲ
- ନୟାଗଡ଼ ବିଇଓଙ୍କ କାର୍ଯ୍ୟାଳୟ ଘେରିଲେ
- ୧୬ରୁ ତାଲା ଝୁଲିବ ସବୁ ବିଦ୍ୟାଳୟରେ

ନୟାଗଡ଼, ୫।୮ (ଲୋକନାଥ ମିଶ୍ର)

ସରକାର ପ୍ରାଥମିକ ଶିକ୍ଷକମାନଙ୍କ ଦାବିକୁ ଅଣଦେଖା କରୁଥିବାରୁ ଆନ୍ଦୋଳନର ତରିକା ବଦଳାଇ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଶନିବାର ନିଜର ପରାକାଷ୍ଠା ବ୍ଲକସ୍ତରୀୟ ଆନ୍ଦୋଳନରେ ଦେଖାଇ ଦାବି ହାସଲ କରିବାକୁ ସରକାରଙ୍କ ଉପରେ ଚାପ ପ୍ରୟୋଗ ଆରମ୍ଭ କରାଯାଇଛି ବୋଲି ଚେତାବନୀ ଦେଇଛନ୍ତି । ଶନିବାର ନୟାଗଡ ବ୍ଲକର ସବୁ ବର୍ଗର ଶିକ୍ଷକମାନେ ଏକାଠି ହୋଇ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଘେରାଉ କରିବା ପୂର୍ବରୁ ଶିକ୍ଷକମାନେ ନୟାଗଡ଼ ଜିଲା ପରିଷଦ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ସେଠାରେ ପ୍ରତିବାଦ ସଭା କରିଥିଲେ ।

ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିପିନ ବିହାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶିକ୍ଷକ ନେତା ଉମେଶ ସ୍ୱାଇଁ, ବଟକୃଷ୍ଣ ସାହୁ, ପୀତବାସ ପ୍ରଧାନ, ରବି ସାହୁ, ଭଗବାନ ପଣ୍ଡା, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ସଂଗ୍ରାମ ସାହୁ ପ୍ରମୁଖ ଟିପ୍ପଣୀ ରଖିଥିଲେ । ବକ୍ତାମାନେ କହିଥିଲେ ଛଅ ବର୍ଷର ଠିକା ନିଯୁକ୍ତି ସହ ଏକ୍ସ କ୍ୟାଡର ଉଚ୍ଛେଦ, କଳା ଶିକ୍ଷକମାନଙ୍କୁ ନିୟମିତ କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନଶନ ଲାଗୁ କରିବାର ଦାବି ରହିଛି । ସରକାର ଶିକ୍ଷକମାନଙ୍କ ଦାବିକୁ ଅଣଦେଖା କଲେ ପରିସ୍ଥିତି ଭୟାବହ ହେବ । ଚଳିତ ମାସ ୧୧ରେ ଜିଲାସ୍ତରୀୟ ଆନ୍ଦୋଳନ ହେବ । ଜିଲା ଆନ୍ଦୋଳନ ଶେଷ ପରେ ସରକାର ଚୁପ ରହିଲେ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ସାମାହିକ ଛୁଟିରେ ଯିବେ । ଏଣୁ ପାଠ ପଢ଼ାଇବାକୁ କେହି ବି ସ୍କୁଲରେ ନ ଥିବେ । ସରକାର କୌଣସି ସଂଘରେ ଫାଟ ସୃଷ୍ଟି କଲେ କିଛି ସୁଫଳ ମିଳିବ ନାହିଁ ବୋଲି କହିଛନ୍ତି । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଶିକ୍ଷକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ ।


୩ ଦଫା ଦାବି ପୂରଣ ପାଇଁ ଶନିବାର ଆୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଶୋଭାଯାତ୍ରା ।

## ସ୍ୱାସ୍ଥ୍ୟସେବାର ସମୀକ୍ଷା କଲେ ନୟାଗଡ଼ ବିଧାୟକ

ନୟାଗଡ଼, ୫।୮ (ଲୋକନାଥ ମିଶ୍ର)

ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଛନ୍ତି । ରୋଗୀମାନେ ଯେପରି ଭଲ ସ୍ୱାସ୍ଥ୍ୟସେବା ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ଡାଇଲେସିସି ଯେପରି ରୋଗୀଙ୍କର ଭଲ ହେବ ସେଥିନେଇ ଗୁରୁତ୍ୱ ଦେବାକୁ କହିଛନ୍ତି । ତେବେ ପରିମଳ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ । ସ୍ୱଚ୍ଛତା ଭଲ ରହିବାକୁ ପରମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ରବୀନ୍ଦ୍ର କୁମାର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ସୁଧାଂଶୁ ଷଡଙ୍ଗୀ, ଡାକ୍ତର ଶରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ୪ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼, ୫।୮ (ଲୋକନାଥ ମିଶ୍ର)

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନୟାଗଡ଼ ଜିଲାର ୪ ଅଧିକାରୀଙ୍କୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ଏ ଅବସରରେ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଖଣ୍ଡପଡ଼ା ବ୍ଲକ ଶିକ୍ଷା ଅଧିକାରୀ ଯଶସ୍ୱିନୀ ସ୍ୱାଇଁ, ଲେଙ୍କୁଡିପଡା ରେଭିନିଉ ଇନ୍ସପେକ୍ଟର ମୋନିକା ସେଠ, ବିସି ହାଇସ୍କୁଲ ରଣପୁରର ପ୍ରଧାନଶିକ୍ଷକ ଗୋପାଳ କୃଷ୍ଣ ରାଉତରାୟ ସମ୍ବର୍ଦ୍ଧିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାଶ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ ଉପସ୍ଥିତ ଥିଲେ ।

## ଲଗାଣ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି

 କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବି

ଖଣ୍ଡପଡ଼ା, ୫।୮ (ଅଜୟ କୁମାର ମହାରଣା)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମହାନଦୀ ଓ ବିଭିନ୍ନ ଶାଖା ନଦୀରେ ବନ୍ୟାଜଳ ଆସିଛି । ସେହି ବନ୍ୟାଜଳ ନଦୀକୂଳିଆ ଜମିରେ ପ୍ରବାହିତ ହୋଇ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ସୃଷ୍ଟି କରିଛି । ଖଣ୍ଡପଡ଼ା ବ୍ଲକର ୨୨ ପଞ୍ଚାୟତ ଅଧୀନ ବିଭିନ୍ନ ଅଞ୍ଚଳରେ ଥିବା ବହୁ ଏକର ଚାଷ ଜମିରେ ବର୍ଷାଜଳ ପ୍ରବାହିତ ହେଉଛି । ତଳିଆ ଅଞ୍ଚଳରେ ଥିବା ଧାନ ଜମିଗୁଡିକ ବର୍ଷା ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି । ବିଭିନ୍ନ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ନିମନ୍ତେ ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ସବୁଠି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ମଶା, ମାଛିଙ୍କ ସଂଖ୍ୟା ବଢ଼ିଛି । ଲଗାଣ ବର୍ଷା ପ୍ରଭାବରେ ଧାନ ଓ ପନିପରିବା ଚାଷ ମଧ କ୍ଷତିଗ୍ରସ୍ତ ହୋଇଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି ।

